# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**22 February - 2025**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଜନତା ମଇଦାନରେ ଅପରାହ୍ନରେ ସୁଭଦ୍ରା ଶକ୍ତି ମେଳାକୁ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି 'ମନ୍ କି ବାତ୍' କାର୍ଯ୍ୟକ୍ରମ ଜରିଆରେ ଦେଶବାସୀଙ୍କ ସହ କରିବେ ଭାବବିନିମୟ
- ଆଜିଠାରୁ ଆରମ୍ଭ ହେଲା ୭୩ ତମ ରାଜ୍ୟ ପୁଲିସ ଆଥଲେଟିକ୍ସ ଚମ୍ପିଆନସିପ୍

ଏବଂ

- ପଶ୍ଚିମାଝଡ଼ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା

*Desk*

## ସୁଭଦ୍ରା ଶକ୍ତି ମେଳା

ଭୁବନେଶ୍ୱର ଜନତା ମଇଦାନରେ ଆଜିଠାରୁ ସୁଭଦ୍ରା ଶକ୍ତି ମେଳା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପରାହ୍ନରେ ମେଳାକୁ ଉଦ୍‌ଘାଟନ କରିବେ । ଗଣମାଧ୍ୟମକୁ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ମେଳାରେ ୭୦୦ରୁ ଅଧିକ ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକର ପ୍ରଦର୍ଶନ ଓ ବିକ୍ରି ହେବ । ସୁଭଦ୍ରା ମେଳା ମହିଳାମାନଙ୍କ ସୃଜନଶୀଳତା, ଦକ୍ଷତା ଏବଂ ଉଦ୍ୟୋଗିତାକୁ ପରଖିବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

**- V/O -**

ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ରାଜ୍ୟସ୍ତରୀୟ ମେଳାରେ ୩୦୦ରୁ ଅଧିକ ଷ୍ଟଲ୍ ଖୋଲିବାର ବ୍ୟବସ୍ଥା ହୋଇଛି।

*Desk*

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର

୧୧୯ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

***Desk***

# ରେଳପଥ

ରାଜ୍ୟ ପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଅନେକ ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ୨୫୦ କିଲୋମିଟର ଦୀର୍ଘ ଗୋପାଳପୁର-ରାୟଗଡ଼ା ନୂଆ ରେଳ ଲାଇନ୍ ଓ ନୂଆପଡ଼ା-ଗୁଣୁପୁର-ଥେରୁବାଲି ଦୋହରୀକରଣ ପାଇଁ ସ୍ଥାନ ଚୟନ ନିମନ୍ତେ ହୋଇଥିବା ଚୂଡ଼ାନ୍ତ ସର୍ଭେକୁ ମଂଜୁରୀ ମିଳିଛି। ଏହି ଦୁଇଟି ନୂତନ ପ୍ରକଳ୍ପ ଓଡ଼ିଶାର ବିକାଶଧାରାକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଥିସହ ସେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି

ଯୋଡ଼ା-ବଡ଼ବିଲ୍, ବଡ଼ବିଲ-ବରସୁଆଁ ରେଳଲାଇନ୍ ସମ୍ପର୍କରେ ଆଲୋଚନା କରିଥିଲେ। ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଓଡ଼ିଶାରେ ବର୍ତ୍ତମାନ ୭୩ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଛି। ୨୦୧୪ ମସିହାରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨ ହଜାର ୪୬ କିଲୋମିଟର ନୂଆ ରେଳଲାଇନ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି।

***Desk***

# ରେଳସେବା

ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭ ମେଳା ପାଇଁ ରାଜ୍ୟର ୨୫ଟି ସହରକୁ ସଂଯୋଗ କରି ପୂର୍ବତଟ ରେଳପଥ ପକ୍ଷରୁ ୬୦ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି । ଏହି ଟ୍ରେନ୍ ପୁରୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ବ୍ରହ୍ମପୁର ଏବଂ ଅନ୍ୟ ସହରରୁ ଚଳାଚଳ କରୁଛି । ରାଜ୍ୟର ପ୍ରତ୍ୟେକ ଅଞ୍ଚଳରୁ ତୀର୍ଥଯାତ୍ରୀଙ୍କୁ ରେଳସେବା ଯୋଗାଇଦେବା ପାଇଁ ଏହି ପଦକ୍ଷେପ  ନିଆଯାଇଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ।

***BBSR/R***

# ବିଧାନସଭା ମୁଲତବୀ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଗତକାଲି ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଏବଂ

୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଆଗତ ହୋଇଥିଲା । ଚଳିତ ମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ଅଧିବେଶନରେ ମୋଟ୍ ୮ଟି କାର୍ଯ୍ୟଦିବସ ଥିଲା । ଏହି ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ମାସ ୭ ତାରିଖରେ ଆରମ୍ଭ ହୋଇ ଏପ୍ରିଲ ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

## ବିଧାନସଭା ସ୍କୁଲ ରୂପାନ୍ତରଣ

ରାଜ୍ୟରେ ସ୍କୁଲ ରୂପାନ୍ତରଣ ପ୍ରକ୍ରିୟାରେ ଗତ ଚାରି ବର୍ଷରେ ଫାଇଭ୍-ଟି, ଡି.ଏମ୍.ଏଫ୍ ଏବଂ ଓମ୍‌ବାଡିସିରେ ମୋଟ୍ ୫ ହଜାର ୫୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ କହିଛନ୍ତି । ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ୨୪ଟି ଜିଲ୍ଲାରେ ସ୍କୁଲ ରୂପାନ୍ତରଣ ପାଇଁ ଫାଇଭ୍-ଟି ଅଧୀନରେ ୨୦୨୦-୨୧ରୁ ଗତ ଆର୍ଥିକ ବର୍ଷ ମଧ୍ୟରେ ୩ ହଜାର ୮୮ କୋଟିରୁ ଊର୍ଦ୍ଧ୍ୱ ଅର୍ଥରାଶି ବ୍ୟୟ କରାଯାଇଛି । ସେହିପରି ଅନ୍ୟ ୬ଟି ଜିଲ୍ଲାରେ ଡିଏମ୍‌ଏଫ୍ ଓ ଓମ୍‌ବାଡିସି ଅର୍ଥରେ ୧ ହଜାର ୯୬୬ କୋଟି ଟଙ୍କା ବ୍ୟୟ କରାଯାଇଥିବା ମନ୍ତ୍ରୀ ଶ୍ରୀ ଗଣ୍ଡ ଗୃହରେ ସୂଚନା ଦେଇଛନ୍ତି ।

***Desk***

## ବିଧାନସଭା–ନେପାଳୀ ଛାତ୍ରୀମୃତ୍ୟୁ

ଭୁବନେଶ୍ୱରର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ସହ ସମନ ଜାରି କରାଯାଇଥିବା ୮ ଜଣଙ୍କର ବୟାନ ରେକର୍ଡ କରାଯାଇଛି । ଗଣମାଧ୍ୟମକୁ ସୂଚନା ଦେଇ  ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, ଘଟଣାର ତଦନ୍ତ କରୁଥିବା ଉଚ୍ଚସ୍ତରୀୟ କମିଟିଙ୍କର ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ସମ୍ପୃକ୍ତ ଘଟଣାରେ ୧୦ ଜଣଙ୍କୁ ଗିରଫ କରାଯାଇଛି ।

**- V/O -**

***Desk***

## ଇ-କେୱାଇସି ଅପଡେଟ୍

ରାଜ୍ୟ ସରକାର ରାସନ କାର୍ଡଧାରୀଙ୍କ ଇ-କେୱାଇସି ଦାଖଲର ସମୟସୀମା ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟାୟ ବୃଦ୍ଧି କରିଛନ୍ତି । ସରକାରୀ ସୂଚନା ଅନୁସାରେ, ଦେବଗଡ଼ ଜିଲ୍ଲାରେ ୯୪ ପ୍ରତିଶତ ହିତାଧିକାରୀ ଇ-କେୱାଇସି ଅପଡେଟ୍ କରିଥିବାବେଳେ କନ୍ଧମାଳ ଜିଲ୍ଲାରେ ୯୩ ପ୍ରତିଶତ, କଟକ ଜିଲ୍ଲାରେ ୯୨, ଭଦ୍ରକରେ ୯୧ ଏବଂ ଜଗତସିଂହପୁରରେ ୯୧ ପ୍ରତିଶତ ହିତାଧିକାରୀ ଇ-କେୱାଇସି ଅପଡେଟ୍ କରିସାରିଛନ୍ତି । ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨ ଲକ୍ଷ ୬୯ ହଜାର ହିତାଧିକାରୀ ଇ-କେୱାଇସି ଅପଡେଟ୍ ଦାଖଲ କରିନଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି । ଗଞ୍ଜାମ ଜିଲ୍ଲାରେ

୨୬ ଲକ୍ଷ ୫୦ ହଜାର ୫୦୧ ଜଣ ରାସନକାର୍ଡ ହିତାଧିକାରୀ ଅଛନ୍ତି। ଜିଲ୍ଲାର ୯୦ ପ୍ରତିଶତ ହିତାଧିକାରୀ ଇ-କେୱାଇସି ଅପଡେଟ୍ କରିଛନ୍ତି।

***Puri***

## କଇଁଚ ସୁରକ୍ଷା ବାର୍ତ୍ତା

ପରିବେଶ ଓ ଅଲିଭ୍ ରିଡ୍‌ଲେ କଇଁଚଙ୍କ ସୁରକ୍ଷା ତଥା ବେଳାଭୂମିକୁ ସ୍ୱଚ୍ଛ କରିବାର ବାର୍ତ୍ତା ନେଇ ଆଜି ପୁରୀରୁ  ଦିନିକିଆ ଉପକୂଳ ଟ୍ରେକିଂ ଆରମ୍ଭ ହୋଇଛି। ଭୁବନେଶ୍ୱରର ଏକ ସଂସ୍ଥା ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ବର୍ଗରୁ ପ୍ରାୟ ୫୦ରୁ ଅଧିକ ସଭ୍ୟ ଅଂଶଗ୍ରହଣ କରିଥିଲେ। ସଭ୍ୟମାନେ ହାତରେ ବିଭିନ୍ନ ସଚେତନତା ବାର୍ତ୍ତାର ପ୍ଲା’କାର୍ଡ ଧରି ପୁରୀରୁ ଚିଲିକା ଧଳାବାଲି ପର୍ଯ୍ୟନ୍ତ ପ୍ରାୟ ୩୨ କିଲୋମିଟର ଟ୍ରେକିଂ କରିଥିଲେ।

***CTC***

## ପୋଲିସ ଆଥଲେଟିକ୍ ଚାମ୍ପିଅନସିପ୍

କଟକ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଆଜି ୭୩ତମ ରାଜ୍ୟ ପୋଲିସ ଆଥ୍‌ଲେଟିକ୍ସ ଚାମ୍ପିୟନସିପ୍‌କୁ ଗୁଇନ୍ଦା ନିର୍ଦ୍ଦେଶକ ଆର୍.ପି.କୋଚେ ଶୁଭାରମ୍ଭ କରିଛନ୍ତି। ଶ୍ରୀ କୋଚେ କହିଛନ୍ତି, ଖେଳ ପରସ୍ପର ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଭାବନା ସୃଷ୍ଟି କରିଥାଏ।  ଆଥଲେଟିକ୍ସ ଚାମ୍ପିଅନସିପ୍ ପୋଲିସ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ସହ ଅନୁଶାସନ ଓ କର୍ତ୍ତବ୍ୟ ପ୍ରତି ଉତ୍ସର୍ଗୀକୃତ ଭାବ ବୃଦ୍ଧି କରିବ ବୋଲି ସେ

କହିଛନ୍ତି।  ଚମ୍ପିୟାନସିପରେ ରାଜ୍ୟର ବିଭିନ୍ନ ରେଞ୍ଜ ଏବଂ ବାଟାଲିୟନରୁ ୪୧ଟି ପୋଲିସ ଟିମ ଅଂଶ ଗ୍ରହଣ କରିଥିବା ବେଳେ ମୋଟ ୭୯୭ ଜଣ ଖେଳାଳି ସାମିଲ ହୋଇଛନ୍ତି। ପ୍ରତିଯୋଗିତା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ।

***Desk***

## ଧର୍ମେନ୍ଦ୍ର ପ୍ରଧାନ– ଶୋକବ୍ୟକ୍ତ

ଓଡ଼ିଶୀ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଗୁରୁ ମାୟାଧର ରାଉତଙ୍କର ପରଲୋକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି। ମନ୍ତ୍ରୀ ଶ୍ରୀ ପ୍ରଧାନ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଓଡ଼ିଶୀକୁ ଶାସ୍ତ୍ରଭିତ୍ତିକ ଜ୍ଞାନରେ ପୁର୍ନଜୀବିତ କରିବାରେ ଗୁରୁ ମାୟାଧରଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ଥିଲା। ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ଓଡ଼ିଶୀ ନୃତ୍ୟର ଗରିମା ତଥା ଓଡ଼ିଶାର ଅଭିନୟ ଶବ୍ଦକୋଷକୁ ସମୃଦ୍ଧ କରିବାରେ ତାଙ୍କର ଜୀବନବ୍ୟାପୀ ଅବଦାନ ଚିରସ୍ମରଣୀୟ ହୋଇ ରହିବ।

***Desk***

## ହକି

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ.ଲିଗ୍ ପୁରୁଷ ବର୍ଗରେ ଆଜି ସନ୍ଧ୍ୟାରେ ଭାରତ ଏବଂ ଆୟାରଲ୍ୟାଣ୍ଡ ମଧ୍ୟରେ ମ୍ୟାଚ୍

ଖେଳାଯିବ। ସେହିପରି ମହିଳା ବର୍ଗରେ ଅନ୍ୟ ଏକ ମ୍ୟାଚ ଭାରତ’ ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ହେବ।

ଗତକାଲି ପୁରୁଷ ବର୍ଗରେ ଭାରତ’ ଆୟାରଲାଣ୍ଡକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି । ସେହିପରି ମହିଳା ବର୍ଗରେ ଜର୍ମାନୀ’ ଭାରତଠାରୁ ୪-୦ ଗୋଲ୍‌ରେ ବିଜୟୀ ହୋଇଛି ।

***MET***

# ପାଣିପାଗ

ରାଜ୍ୟର କେତେକ ସ୍ଥାନରେ  ପଶ୍ଚିମା ଝଡ଼ର ପ୍ରଭାବରେ ବର୍ଷା ହୋଇଯାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, କେନ୍ଦୁଝରଗଡ଼, ଢେଙ୍କାନାଳ, ସୁନ୍ଦରଗଡ଼, ଝାରସୁଗୁଡ଼ା ଏବଂ କେନ୍ଦ୍ରାପଡ଼ାରେ ମଧ୍ୟମରୁ ପ୍ରବଳ ବର୍ଷା ହେବା ସହିତ ପବନର ବେଗ ୫୦ରୁ ୬୦ କିଲୋମିଟର ରହିବ। ଅନ୍ୟପକ୍ଷରେ ସମ୍ବଲପୁର, ଦେବଗଡ଼, ଅନୁଗୁଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, ପୁରୀ, ଗଜପତି, ଗଞ୍ଜାମ, ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ସାମାନ୍ୟରୁ ମଧ୍ୟମଧରଣର ବର୍ଷା ସହିତ ପବନର ବେଗ ୪୦ରୁ ୫୦ କିଲୋମିଟର ରହିବ ବୋଲି ଅନୁମାନ କରାଯାଇଛି।